# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 14th August – 2026

************************************

## ମୁଖ୍ୟ ସମ୍ବାଦ

- ଦେଶ ଆସନ୍ତାକାଲି ପାଳନ କରିବ ୮୦ତମ ସ୍ୱାଧୀନତା ଦିବସ ।

— ଆଉ କିଛି ସମୟ ପରେ ଦେଶବାସୀଙ୍କୁ ସମ୍ବୋଧନ କରିବେ ରାଷ୍ଟ୍ରପତି ।

- ଐତିହାସିକ ଲାଲ୍‌କିଲ୍ଲାଠାରୁ ଆସନ୍ତାକାଲି ଜାତୀୟ ପତାକା ଉତ୍ତୋଳନ କରିବେ ପ୍ରଧାନମନ୍ତ୍ରୀ ।

- ରାଜ୍ୟର ସମସ୍ତ ସହର ଓ ଗ୍ରାମାଞ୍ଚଳରେ ୧ ହଜାର ମୋବାଇଲ୍ ଟାୱାର ସ୍ଥାପନ କରିବେ ସରକାର ।

- ସାଇବର ଅପରାଧର ମୁକାବିଲାପାଇଁ ରାଜ୍ୟବ୍ୟାପୀ ସଚେତନତା ଅଭିଯାନ ।

ଏବଂ

- ଅବପାତ ପ୍ରଭାବରେ ରାଜ୍ୟର ୪ଟି ଜିଲ୍ଲାରେ ଅତିରୁ ଅତିପ୍ରବଳ ବର୍ଷା ସମ୍ଭାବନା ।

*Desk*

# ରାଷ୍ଟ୍ରପତି ଉଦ୍‌ବୋଧନ

ରାତି ପାହିଲେ ଦେଶ ଅଶୀତମ ସ୍ୱାଧୀନତା ଦିବସ ପାଳନ କରିବ। ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଆଉ କିଛି ସମୟ ମଧ୍ୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧନ କରିବେ । ଆକାଶବାଣୀ ଏବଂ ଦୂରଦର୍ଶନର ସମସ୍ତ ଚ୍ୟାନେଲ୍‌ରେ ଉଭୟ ହିନ୍ଦୀ ଓ ଇଂରାଜୀରେ ଏହାର ସିଧା ପ୍ରସାରଣ କରାଯିବ। ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ ପରେ ଦୂରଦର୍ଶନରେ ଏହାର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ। ଆକାଶବାଣୀରେ ରାତି ୯ଟା ୩୦ ମିନିଟ୍ ସମୟରେ ଆଞ୍ଚଳିକ ଭାଷାନ୍ତରଣ ପ୍ରସାରିତ ହେବ।

*Desk*

# ପ୍ରଧାନମନ୍ତ୍ରୀ - ସ୍ୱାଧୀନତା ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲାଠାରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଶବାସୀଙ୍କୁ ସମ୍ବୋଧନ କରିବେ । ଭାରତୀୟ ବାୟୁସେନାର ଦୁଇଟି ଏମ୍‌ଆଇ-୧୭ ହେଲିକପ୍ଟର ଦ୍ୱାରା ଆୟୋଜନ ସ୍ଥଳରେ ପୁଷ୍ପବୃଷ୍ଟି କରାଯିବ। ରାଷ୍ଟ୍ରୀୟ ଗାନ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ପ୍ରଥମଥର ପାଇଁ ଲାଲକିଲ୍ଲାଠାରେ ବନ୍ଦେ ମାତରମ୍ ଗାନ କରାଯିବ। ଜାତୀୟ ସମର ଶିକ୍ଷାର୍ଥୀ

ବାହିନୀର କ୍ୟାଡେଟ୍ ଏବଂ ମାଇଁ ଭାରତର ସ୍ୱେଚ୍ଛାସେବୀମାନେ ବନ୍ଦେ ମାତରମ୍ ଗାଇବେ। ଏହାପରେ ଜାତୀୟ ସଂଗୀତ ଗାନ କରାଯିବ।

***Desk***

# ରାଜ୍ୟ - ସ୍ୱାଧୀନତା ଦିବସ

ଭୁବନେଶ୍ୱରରେ ଆସନ୍ତାକାଲି ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ପାଳନ କରାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କଳାହାଣ୍ଡିରେ ଏବଂ ପ୍ରଭାତୀ ପରିଡ଼ା ସୁନ୍ଦରଗଡ଼ରେ ପାଳିତ ହେବାକୁ ଥିବା ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ । ସେହିଭଳି କଟକ ବାରବାଟୀ ଷ୍ଟାଡିୟମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଜାତୀୟ ପତାକା ଉତ୍ତୋଳନ କରିବେ ।

***Desk***

# ପୁଲିସ ପଦକ

ସ୍ୱାଧୀନତା ଦିବସ ଅବସରରେ କେନ୍ଦ୍ର ସରକାର, ପୁଲିସ, ଅଗ୍ନିଶମ ସେବା, ହୋମଗାର୍ଡ ଓ ସିଭିଲ ଡିଫେନ୍ସ ଆଦି ସେବାର ୧ହଜାର ୫୭ଜଣ କର୍ମଚାରୀଙ୍କ ପାଇଁ ବୀରତ୍ୱ ଏବଂ ସେବା ପଦକ ଘୋଷଣା କରିଛନ୍ତି ।

ଓଡ଼ିଶାର ୧୭ ଜଣଙ୍କୁ ପୁଲିସ୍ ସେବା ପୁରସ୍କାର ମିଳିବ। ୫ ଜଣଙ୍କୁ ସାହସିକତା ଓ ୨ ଜଣଙ୍କୁ ରାଷ୍ଟ୍ରପତି ପଦକ ପାଇଁ ମନୋନୀତ କରାଯାଇଛି। ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଓ ଉପ ଆରକ୍ଷୀ ଅଧିକ୍ଷକ ସ୍ମିତାରାଣୀ ମହାନ୍ତିଙ୍କୁ ରାଷ୍ଟ୍ରପତି ପଦକ ପ୍ରଦାନ କରାଯିବ। ୧୦ ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ପାଇଁ ଚୟନ କରାଯାଇଛି।

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆସନ୍ତାକାଲି ପୂର୍ବାହ୍ନ ସମୟରେ ଗୃହ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବ ଆୟୋଜନ କରାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ଯୋଗଦେଇ ପଦକ ପ୍ରଦାନ କରିବେ ।

***Desk***

# ଅମୃତ ଉଦ୍ୟାନ

ରାଷ୍ଟ୍ରପତି ଭବନର ଅମୃତ ଉଦ୍ୟାନ ଆସନ୍ତା ରବିବାରଠାରୁ ସାଧାରଣ ନାଗରିକଙ୍କପାଇଁ ଖୋଲା ରହିବ । ଏହାପୂର୍ବରୁ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍ୟାନ ପରିଦର୍ଶନ କରିଛନ୍ତି । ପ୍ରତିଦିନ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସାଧାରଣ ପର୍ଯ୍ୟଟକ ଉଦ୍ୟାନ ବୁଲି ଦେଖିପାରିବେ । ଜାତୀୟ କ୍ରୀଡ଼ାଦିବସରେ କ୍ରୀଡ଼ାବିତ୍ ଏବଂ ଗୁରୁଦିବସରେ ଶିକ୍ଷକମାନଙ୍କୁ ଭ୍ରମଣର ସ୍ୱତନ୍ତ୍ର ଅନୁମତି ପ୍ରଦାନ କରାଯିବ ବୋଲି ରାଷ୍ଟ୍ରପତି ଭବନ ପକ୍ଷରୁ

କୁହାଯାଇଛି । ପରିଦର୍ଶକମାନେ ରାଷ୍ଟ୍ରପତି ଭବନ ଅନ୍‌ଲାଇନ୍ ୱେବ୍‌ସାଇଟ୍‌ରେ ବୁକିଂ କରିପାରିବେ ।

*HS*

## ରାଜ୍ୟପାଳ - ବୌଦ୍ଧ ଐତିହ୍ୟ

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଆଜି ଭୁବନେଶ୍ୱର ଲୋକଭବନଠାରେ ଓଡ଼ିଶା ପର୍ଯ୍ୟଟନ ସେବା-ଓ.ଟି.ଏସ୍. କ୍ୟାଡର୍‌ର ଅଧିକାରୀ ପ୍ରଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିଛନ୍ତି । ଧଉଳି, ରତ୍ନଗିରି, ଉଦୟଗିରି, ଲଳିତଗିରି ଏବଂ ଜିରାଙ୍ଗ ସମେତ ସମୃଦ୍ଧ ବୌଦ୍ଧ ଐତିହ୍ୟର ବିକାଶ ଉପରେ ବିଶେଷ ଧ୍ୟାନ ଦେଇ ରାଜ୍ୟର ପର୍ଯ୍ୟଟନ ସମ୍ଭାବନା ଉପରେ ଆଲୋଚନା କରିଥିଲେ ।

***Desk***

## ମୋବାଇଲ୍ ଟାୱାର

ରାଜ୍ୟର ସମସ୍ତ ସହର ଓ ଗ୍ରାମାଞ୍ଚଳରେ ୯୬୦ଟି ଓ ଭୁବନେଶ୍ୱରରେ ୪୦ଟି ଫୋର୍-ଜି’ ବି.ଏସ୍.ଏନ୍.ଏଲ୍. ମୋବାଇଲ୍ ଟାୱାର ସ୍ଥାପନ କରାଯିବ । ୫ ହଜାରରୁ ଉର୍ଦ୍ଧ୍ୱ ମାଧ୍ୟମିକ ବିଦ୍ୟାଳୟ, ୧୧ ଶହଟି ପ୍ରାଥମିକ

ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୬ ହଜାର ୫ ଶହରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟକେନ୍ଦ୍ରକୁ ହାଇସ୍ପିଡ୍ ଇଣ୍ଟରନେଟ୍ ସେବା ସମ୍ପ୍ରସାରିତ କରାଯିବ । ଏନେଇ କେନ୍ଦ୍ର ସରକାରଙ୍କ ଡିଜିଟାଲ୍ ଭାରତ ନିଧି-ଡି.ବି.ଏନ୍. ଅନୁଦାନପ୍ରାପ୍ତ ପ୍ରକଳ୍ପ ଓ ରାଜ୍ୟ ସରକାର ଏହାର ସମସ୍ତ ଖର୍ଚ୍ଚ ବହନ କରିବେ । ଆସନ୍ତାବର୍ଷ ମାର୍ଚ୍ଚ ମାସ ସୁଦ୍ଧା ମୋବାଇଲ୍ ଟାୱାର କାର୍ଯ୍ୟ ଶେଷ ହେବ ବୋଲି ବି.ଏସ୍.ଏନ୍.ଏଲ୍.ର ଓଡ଼ିଶା ମୁଖ୍ୟ ପ୍ରବନ୍ଧକ ଡି.କେ. ବେହେରା କହିଛନ୍ତି ।

***Desk***

# ସାଇବର ସଚେତନତା

ସାଇବର ଅପରାଧର ମୁକାବିଲା, ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ସୁରକ୍ଷିତ, ସଚେତନ ଓ ଦାୟିତ୍ୱବାନ ଡିଜିଟାଲ୍ ନାଗରିକଭାବେ ଗଢ଼ିତୋଳିବା ଉଦ୍ଦେଶ୍ୟରେ ଓଡ଼ିଶା ପୁଲିସ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗର ମିଳିତ ସହଯୋଗରେ ଆଜି ରାଜ୍ୟବ୍ୟାପୀ ସାଇବର ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି । ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ବ୍ୟାପକ ଅଭିଯାନରେ ରାଜ୍ୟର ୩୫ଟି ପୁଲିସ୍ ଜିଲ୍ଲା ଅନ୍ତର୍ଗତ ୨୦ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ଏବଂ ୨ ହଜାରରୁ ଊର୍ଦ୍ଧ୍ୱ ମହାବିଦ୍ୟାଳୟ ଆଭାସୀ ଜରିଆରେ ସାମିଲ୍ ହୋଇଥିଲେ । କାର୍ଯ୍ୟକ୍ରମରେ ସାଇବର ଆର୍ଥିକ ଠକେଇ ସମୟରେ ତୁରନ୍ତ ପଦକ୍ଷେପ ନେବାର ଗୁରୁତ୍ୱ ଉପରେ ସଚେତନ କରାଯାଇଥିଲା । ଠକେଇର ଶିକାର

ହେବାପରେ ଯଥାଶୀଘ୍ର ଅଭିଯୋଗ କରାଗଲେ ଠକେଇ ଅର୍ଥକୁ ରୋକିବା ଏବଂ ପୁନରୁଦ୍ଧାରର ସମ୍ଭାବନା ଅଧିକ ଥାଏ ବୋଲି ସାଇବର ବିଶେଷଜ୍ଞମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ତୃଣମୂଳ ସ୍ତରରେ ସଚେତନତାର ବାର୍ତ୍ତା ପହଞ୍ଚାଇବାପାଇଁ ଏକ ସୁରକ୍ଷିତ ଓ ଦାୟିତ୍ୱାନ ଡିଜିଟାଲ୍ ସମାଜ ଗଠନ ସମ୍ପର୍କିତ ସାମୂହିକ ସଙ୍କଳ୍ପ ନିଆଯାଇଥିଲା ।

*HS*

## ବର୍ଜ୍ୟବସ୍ତୁ ପରିଚାଳନା

ରାଜ୍ୟରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉପରେ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି । ଭୁବନେଶ୍ୱରଠାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ-୨୦୨୬ ଏବଂ ଅନ୍ୟ ନିୟାମକ ବ୍ୟବସ୍ଥାର ପ୍ରଭାବୀ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

*Desk*

# ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ

ରାଜ୍ୟର ସମବାୟ କ୍ଷେତ୍ରକୁ ଅଧିକ ଆଧୁନିକ, ପ୍ରଯୁକ୍ତି ନିର୍ଭର, ସ୍ୱଚ୍ଛ, ଦକ୍ଷ ଓ ଆତ୍ମନିର୍ଭର କରିବାପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପସ୍ୱରୂପ ପ୍ୟାକ୍ସ ଓ ଲ୍ୟାମ୍ପ୍ସ ଅଧିକାରୀଙ୍କ ପାଇଁ ବୈଷୟିକ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହୋଇଛି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ପ୍ରଶିକ୍ଷଣ କାର୍ଯ୍ୟର ଶୁଭାରମ୍ଭ କରି କହିଛନ୍ତି, ପ୍ୟାକ୍ସ ଓ ଲ୍ୟାମ୍ପ୍ସ ଅଧିକାରୀମାନଙ୍କୁ ମୌଳିକ କମ୍ପ୍ୟୁଟର ଜ୍ଞାନ, ଡିଜିଟାଲ୍ କାର୍ଯ୍ୟପ୍ରଣାଳୀ ଓ ଆଇ.ଟି. ଉପକରଣର ବ୍ୟବହାରରେ ଦକ୍ଷ କରିବା ପ୍ରଶିକ୍ଷଣର ମୂଳ ଉଦ୍ଦେଶ୍ୟ । ଏହାଦ୍ୱାରା ସମବାୟ ସଂସ୍ଥାଗୁଡ଼ିକର ଦୈନନ୍ଦିନ କାର୍ଯ୍ୟ ଅଧିକ ଦୃତ, ସ୍ୱଚ୍ଛ ଓ ଦକ୍ଷ ହୋଇପାରିବ ।

*Desk*

# ପ୍ରଯୁକ୍ତିବିଦ୍ୟା - ଯୁବ ପ୍ରତିଭା

ପ୍ରଯୁକ୍ତିବିଦ୍ୟାର ବିକାଶ କରି ଯୁବ ବୈଷୟିକ ପ୍ରତିଭାଙ୍କୁ ସ୍ଥାନୀୟ ସ୍ତରରେ ନୂତନ ସୁଯୋଗ ପ୍ରଦାନ କରିବା ସରକାରଙ୍କ ମୂଳଲକ୍ଷ୍ୟ ବୋଲି

ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ୍ କହିଛନ୍ତି । କୋରାପୁଟ ଜିଲ୍ଲା ଜୟପୁରଠାରେ ସମଗ୍ର ଦକ୍ଷିଣ ଓଡ଼ିଶାରେ ଆଇ.ଟି. ଭିତ୍ତିଭୂମିର ବିକାଶ, ସ୍ଥାନୀୟ ଯୁବପିଢ଼ିଙ୍କପାଇଁ ରୋଜଗାର ସୃଷ୍ଟି ଏବଂ ଆଇ.ଟି. ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି ।

***Desk***

## ଓ.ଏସ୍.ଏସ୍.ଟି.ଇ.ଟି.

ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା -OSSTET ପଞ୍ଜୀକରଣ ଅବଧିକୁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବୃଦ୍ଧି କରାଯାଇଛି । ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିବ । ପୂର୍ବରୁ ପଞ୍ଜୀକରଣର ଅବଧି ୧୭ ତାରିଖ ଧାର୍ଯ୍ୟ କରାଯାଇଥିଲା ।

***Desk***

## ବିଭାଜନ ବିଭୀଷିକ ସ୍ମୃତି ଦିବସ

୧୯୪୭ ମସିହା ଅଗଷ୍ଟ ମାସ ୧୪ ତାରିଖ ଆଜିର ଦିନରେ ଦେଶ ବିଭାଜନ ହୋଇଥିଲା। ଏହି ଦିନକୁ ମନେପକାଇ ଦେଶ ଆଜି ‘ବିଭାଜନ

ବିଭୀଷିକା ସ୍ମୃତି ଦିବସ' ପାଳନ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଘୋଷଣାକ୍ରମେ ୨୦୨୧ ମସିହାରୁ ପ୍ରତିବର୍ଷ ଅଗଷ୍ଟ ୧୪ ତାରିଖରେ ଏହି ଦିବସ ପାଳନ କରାଯାଉଛି।

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆଜି ସନ୍ଧ୍ୟାରେ ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଛନ୍ତି ।

***Desk***

# ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ସୋମାବାର ଦିନ ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଶୁଣାଣି ବନ୍ଦ ରହିଥିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପରବର୍ତ୍ତୀ ଶୁଣାଣିର ତାରିଖ ଗଣମାଧ୍ୟମ ଓ ସମ୍ବାଦପତ୍ର ଜରିଆରେ ଜନସାଧାରଣଙ୍କୁ ଜଣାଇ ଦିଆଯିବ ।

*Deogarh/R*

# ବେଟି ବିଚାଓ, ବେଟି ପଢ଼ାଓ

ଦେବଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ 'ବେଟି ବଚାଓ, ବେଟି ପଢ଼ାଓ' ଅଧୀନରେ ଡିଜିଟାଲ୍ ସାକ୍ଷରତା, ଆର୍ଥିକ ସାକ୍ଷରତା ଏବଂ ଅର୍ଥନୈତିକ, ସାମାଜିକ, ରାଜନୈତିକ ଅଧିକାର ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମହିଳା ଓ କିଶୋରୀଙ୍କ ମଧ୍ୟରେ ଡିଜିଟାଲ୍ ସାକ୍ଷରତା ବୃଦ୍ଧିକୁ ସଚେତନତା ସୃଷ୍ଟି ଏହାର ମୂଳ ଲକ୍ଷ୍ୟ ।

*Desk*

# ଏଫ୍.ଆଇ.ଏଚ୍.

ହକି ବିଶ୍ୱକପ୍-୨୦୨୬ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି । ବେଲ୍‌ଜିୟମ୍ ଓ ନେଦରଲ୍ୟାଣ୍ଡ ମିଳିତ ଭାବେ ଏହି ପ୍ରତିଯୋଗିତାର ଆୟୋଜନ କରୁଛନ୍ତି । ଏଥିରେ ଉଭୟ ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରିବେ । ପ୍ରତିଯୋଗିତା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୋଷ୍ଟ କରି କହିଛନ୍ତି, ଖେଳାଳିମାନେ କୋଟି କୋଟି ଭାରତୀୟଙ୍କ ଆଶା ଏବଂ ଏକ ଜାତିର ଗୌରବମୟ ଐତିହ୍ୟକୁ ବହନ କରନ୍ତି । ହକି ଏକ ଖେଳର ଊର୍ଦ୍ଧ୍ୱରେ ପରମ୍ପରା, ଭାବନା ଏବଂ ଜାତୀୟ ଗର୍ବର ବିଷୟ । ଖେଳାଳିଙ୍କ ଦକ୍ଷତା,

ଆତ୍ମବିଶ୍ୱାସ ଓ ସଙ୍କଳ୍ପ ଆହୁରି ସୁଦୃଢ଼ ହେଉ ବୋଲି ମୁଖ୍ୟମନ୍ତ୍ରୀ କାମନା କରିଛନ୍ତି । ଭାରତୀୟ ଦଳ ଇତିହାସ ସୃଷ୍ଟି କରୁ ବୋଲି ମୁଖ୍ୟମନ୍ତ୍ରୀ ଶୁଭେଚ୍ଛାବାର୍ତ୍ତାରେ କହିଛନ୍ତି ।

***Desk, Bhadrak, Jajpur/R***

## ପାଣିପାଗ

ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହେବା ସହ ପଶ୍ଚିମବଙ୍ଗ ଉପକୂଳରେ ଅବପାତରେ ପରିଣତ ହୋଇ କେନ୍ଦ୍ରୀଭୂତ ହୋଇଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ଅତି ପ୍ରବଳ ବର୍ଷା ହେବା ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଦେବଗଡ଼, ଅନୁଗୁଳ, କେନ୍ଦୁଝର ସମେତ ୯ଟି ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି। ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ,  ଜଳକା, ସାଳନ୍ଦୀ, ଜମ୍ବୀରା ଆଦି ନଦୀରେ ବନ୍ୟା ଜଳ ବୃଦ୍ଧି ପାଉଛି । ଭଦ୍ରକ ଜିଲ୍ଲା ଆଖୁଆପଦା ନିକଟରେ ବୈତରଣୀ ନଦୀର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଛି ।

ଯାଜପୁର ଜିଲ୍ଲାରେ ମଧ୍ୟ ବୈତରଣୀ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି ।

******